ଆଧାର ସିଡିଙ୍ଗ୍ ପ୍ରକ୍ରିୟା

ବିଭିନ୍ନ ସରକାରୀ ଯୋଜନା ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର କରିବା ପାଇଁ ଆଧାର ସିଡିଙ୍ଗ୍ ଆବଶ୍ୟକ ।
ଆଧାର ସିଡିଙ୍ଗ ପ୍ରକିୟା ନିମ୍ନ ପ୍ରକାର

୧. ଗ୍ରାହକ ଯେଉଁ ବ୍ୟାଙ୍କ ଶାଖାରେ ଆକାଉଣ୍ଟ ଧାରଣ କରୁଛନ୍ତି ସେହି ବ୍ୟାଙ୍କ ଶାଖାକୁ ଯାଆନ୍ତୁ ଏବଂ ଉପଯୁକ୍ତ ଭାବରେ ପୂରଣ ହୋଇଥିବା ସମ୍ମତି ଫର୍ମ ଦାଖଲ କରନ୍ତୁ-ସଂଲଗ୍ନ ୧

୨. ବ୍ୟାଙ୍କ ଅଧିକାରୀମାନେ ସ୍ୱାକ୍ଷର ସହ ଆଧାରିତ ବିବରଣୀ ଓ ନଥିପତ୍ର (ଆବଶ୍ୟକୀୟ ଭାବେ) ଓ ପ୍ରମାଣିକତା ଯାଞ୍ଚ କରିବା ପରେ ଆଧାର ସିଡିଙ୍ଗ୍ ଫର୍ମ ଗ୍ରହଣ କରିବେ ଏବଂ ଗ୍ରାହକଙ୍କୁ ସ୍ୱୀକୃତି ଦେବେ ।

୩. ଶାଖା ତାପରେ ଆଧାର ନମ୍ବରକୁ ଗ୍ରାହକଙ୍କ ଆକାଉଣ୍ଟ ସହିତ ଏବଂ ଏନ୍‌ପିସିଆଇ ମ୍ୟାପରରେ ଲିଙ୍କ୍ କରିବେ ।

୪. ଥରେ ଏହି କାର୍ଯ୍ୟ ସମାପ୍ତ ହେବା ପରେ ଏନ୍‌ପିସିଆଇ ମ୍ୟାପରରେ ଆଧାର ନମ୍ବର ପ୍ରତିଫଳିତ ହେବ ।

ଗ୍ରାହକଙ୍କ ଭୂମିକା:

୧. ତାଙ୍କ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୁବିଧା ଅନୁସାରେ ସଂପୂର୍ଣ୍ଣ ବିବରଣୀ ସହିତ ସମ୍ମତି ଫର୍ମକୁ ବ୍ୟକ୍ତିଗତ ବା ଇଲେକ୍‌ଟ୍ରୋନିକ ଭାବରେ ଦାଖଲ କରନ୍ତୁ ।

୨. ଗୋଟିଏ ବ୍ୟାଙ୍କରୁ ଅନ୍ୟ ଏକ ବ୍ୟାଙ୍କକୁ ଆଧାର ନମ୍ବର ସ୍ଥାନାନ୍ତର କରିବା କ୍ଷେତ୍ରରେ ଗ୍ରାହକ ଯେଉଁ ବ୍ୟାଙ୍କରୁ ଆଧାର ସ୍ଥାନାନ୍ତରିତ ହେଉଛି ସେହି ବ୍ୟାଙ୍କର ନାମ ପ୍ରଦାନ କରିବା ଉଚିତ ।

୩. ବ୍ୟକ୍ତିଗତ ଫର୍ମ କ୍ଷେତ୍ରରେ, ସମ୍ମତି ଫର୍ମ ବ୍ୟାଙ୍କ ରେକର୍ଡ଼ ଅନୁସାରେ ଉପଯୁକ୍ତ ଭାବେ ସ୍ୱାକ୍ଷର ହୋଇଥିବା ଉଚିତ୍ ।

୪. ସିଡିଙ୍ଗ୍ ସମାପ୍ତ ହେବା ପରେ ଗ୍ରାହକ ସେମାନଙ୍କ ଗ୍ୟାସ୍ ସେବାପ୍ରଦାନକାରୀଙ୍କ (ଅଏଲ୍ ମାର୍କେଟିଙ୍ଗ କମ୍ପାନିଙ୍କ) ସହ ବିଚାରାଧୀନ ସବସିଡି ପରିମାଣ ପାଇଁ ଯୋଗାଯୋଗ କରିପାରିବେ ।

୫. ସବସିଡି ଗ୍ରହଣ ନକରିବା ଲାଗି ଗ୍ରାହକ ସେମାନଙ୍କ ଟୋଲ ଫ୍ରି ନମ୍ବର ୧୮୦୦ ୨୩୩୩ ୫୫୫ମାଧ୍ୟମରେ ସଂପୃକ୍ତ ଓଏମସିଙ୍କ ସହ ଯୋଗାଯୋଗ କରିପାରିବେ ।

ବ୍ୟାଙ୍କ/ ଶାଖାର ଭୂମିକା:

୧. ସମ୍ମତି ଫର୍ମର ସଂପୂର୍ଣ୍ଣତା ଯାଞ୍ଚ କରିବେ, ନଥିପତ୍ର ଯାଞ୍ଚ କରିବେ ଓ ଗ୍ରାହକଙ୍କ ଦସ୍ତଖତକୁ ପ୍ରମାଣିତ କରିବେ ।

୨. ଅଧିକାରୀମାନେ ନଥିପତ୍ର ସହ ସନ୍ତୁଷ୍ଟ ହେବା ପରେ ନିମ୍ନ ଲିଖିତ କାର୍ଯ୍ୟ କରିବା ଉଚିତ

କ) ଆଧାର ନମ୍ବରକୁ ବ୍ୟାଙ୍କ ଆକାଉଣ୍ଟ ସହ ଲିଙ୍କ୍ କରିବା (ସିବିଏସ୍‌ରେ)

ଖ)ଏନପିସିଆଇ ମ୍ୟାପରରେ ଅପଡେଟିଙ୍ଗ୍

ଦ୍ରଷ୍ଟବ୍ୟ: ଆକାଉଣ୍ଟ ସହ ଆଧାର ନମ୍ବରକୁ ଲିଙ୍କ୍ କରି ଶାଖା ମ୍ୟାପରକୁ ଅପଡେଟ୍ କରୁନାହିଁ । ମ୍ୟାପର ଅପଡେଟ୍ ପ୍ରକ୍ରିୟାକୁ ସେମାନଙ୍କ କେନ୍ଦ୍ରୀୟ ଦଳ ବା ପରିସ୍ଥିତି ଅନୁସାରେ ଆଇଟି ବିଭାଗ ଦ୍ୱାରା ଅନୁସରଣ କରିବାକୁ ପଡ଼ିବ ।

୩. ମ୍ୟାପର ଫାଇଲ ଗୁଡ଼ିକ ଅପଲୋଡ୍ ହେବା ପରେ ଏନପିସିଆଇରୁ ପ୍ରାପ୍ତ ପ୍ରତିକ୍ରିୟା ଫାଇଲଗୁଡ଼ିକୁ ଯାଞ୍ଚ କରିବାକୁ ପଡ଼ିବ ।

୪. ଯଦି କୌଣସି ଆଧାର ନମ୍ବର ଅପଡେଟ କରିବାରେ ବିଫଳ ହୁଏ ତେବେ ଆବଶ୍ୟକୀୟ ସଂଶୋଧନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିବ ଏବଂ ସିବିଏସ ମଧ୍ୟ ସେହି ଅନୁସାରେ ଅପଡେଟ କରାଯିବା ଉଚିତ ।

୫. ଗ୍ରାହକଙ୍କ ପ୍ରଶ୍ନ ଅଭିଯୋଗ ପରିଚାଳନା

୧. ଶାଖାଗୁଡ଼ିକ ବୁଝିବା ଉଚିତ ଯେ ଯଦି ଏନପିସିଆଇ ମ୍ୟାପରରେ ଆଧାର ନମ୍ବର ଅପଡେଟ କରାଯାଇ ନାହିଁ ତେବେ କାର୍ଯ୍ୟାନୁଷ୍ଠାନ କେବଳ ବ୍ୟାଙ୍କର ଅଟେ । ଗ୍ରାହକଙ୍କୁ ଏହା କୁହାଯିବ ନାହିଁ ଯେ ଏନପିସିଆଇ ଆଧାର ନମ୍ବର ଅପଡେଟ କରିନାହିଁ ।

୨. ବ୍ୟାଙ୍କର ସିବିଏସରେ ଆଧାର ନମ୍ବର ସକ୍ରିୟ ରହିବା ଅର୍ଥ ନୁହେଁ ଯେ ମ୍ୟାପର ଫାଇଲ ଅପଡେଟ ହୋଇଛି, ଶାଖା ସିବିଏସ ସ୍କ୍ରିନ ଦେଖାଇବା ଉଚିତ ନୁହେଁ ବା ସିଡିଙ୍ଗ ନିଶ୍ଚିତ କରୁଥିବା ଗ୍ରାହକଙ୍କୁ ସ୍କ୍ରିନସଟ୍ ପ୍ରଦାନ କରିବା ଉଚିତ ନୁହେଁ ।

୩. ଯଦି ଗ୍ରାହକ ଅଭିଯୋଗ କରନ୍ତି, ତେବେ ଶାଖା ଆଧାର ମ୍ୟାପିଙ୍ଗ ପରିଚାଳନା କରୁଥିବା ସେମାନଙ୍କର ଆଭ୍ୟନ୍ତରୀଣ ଦଳ ସହ ଯୋଗାଯୋଗ କରିବା ଆବଶ୍ୟକ ଏବଂ ଏନପିସିଆଇ ମ୍ୟାପରରେ ଆଧାର ଅପଡେଟ ନକରିବାର କାରଣ ନିରୂପଣ କରିବା ଉଚିତ ।

୪. ମୂଳ କାରଣ ନିରୂପଣ କରିବା ପରେ ବ୍ୟାଙ୍କ ସଂଶୋଧନମୂଳକ କାର୍ଯ୍ୟ କରିବା ଆବଶ୍ୟକ ଓ ଗ୍ରାହକଙ୍କ ଅଭିଯୋଗର ସମାଧାନ କରିବା ଆବଶ୍ୟକ ।

ଏନ୍‌ପିସିଆଇର ଦାୟିତ୍ୱ:

୧. ମ୍ୟାପରର ଦାୟିତ୍ୱ ହେଉଛି ଏନ୍‌ପିସିଆଇ ଦ୍ୱାରା ବ୍ୟାଙ୍କ ଗ୍ରାହକଙ୍କ ଅନୁରୋଧ ମୁତାବକ ଆଧାର ନମ୍ବର ଅପଡେଟ୍ ବା ଅପସାରଣ କରିବା ଲାଗି ପ୍ରଦାନ କରାଯାଇଥିବା ଏକ ପ୍ଲାଟଫର୍ମ ।

୨. ମ୍ୟାପରରୁ ଆଧାର ନମ୍ବର ଅପଡେଟ୍ ବା ଅପସାରଣ କରିବା କାର୍ଯ୍ୟ କେବଳ ବ୍ୟାଙ୍କ ଦ୍ୱାରା କରାଯାଇପାରିବ ।

୩. ଏନ୍‌ପିସିଆଇ ନିଜେ ମ୍ୟାପର ରେକର୍ଡ଼ଗୁଡ଼ିକୁ ଅପଡେଟ୍ କରେ ନାହିଁ ।

୪. ଯଦି ଗ୍ରାହକ ଅଭିଯୋଗ ସମାଧାନ ପାଇଁ ଏନ୍‌ପିସିଆଇକୁ ଅନୁରୋଧ କରନ୍ତି ତେବେ ଏନ୍‌ପିସିଆଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟାଙ୍କର ସମ୍ପୃକ୍ତ ଦଳଗୁଡ଼ିକ ସହ ଯୋଗାଯୋଗ କରିବାକୁ ପଡ଼ିବ ।

୫. ଏନ୍‌ପିସିଆଇ ନିଶ୍ଚିତ କରିବ ଯେ ମ୍ୟାପର ପ୍ଲାଟଫର୍ମ ଉପଲବ୍ଧ ଅଛି, ବ୍ୟାଙ୍କ ଗୁଡ଼ିକ ଦ୍ୱାରା ଦାଖଲ କରାଯାଇଥିବା ଫାଇଲ ପ୍ରକ୍ରିୟାକରଣ କରାଯାଇଛି ଓ ଉତ୍ତର ଦିଆଯାଇଛି ।

ଗ୍ରାହକ ଅଭିଯୋଗ:

୧. ବ୍ୟାଙ୍କରେ ସମସ୍ତ ପ୍ରାସଙ୍ଗିକ ନଥିପତ୍ର ଦାଖଲ କରିବା ପରେ ଯଦି ଆଧାର ନମ୍ବର ଏନ୍‌ପିସିଆଇ ମ୍ୟାପରରେ ପ୍ରତିଫଳିତ ହେଉନାହିଁ ତେବେ କାର୍ଯ୍ୟାନୁଷ୍ଠାନ କେବଳ ବ୍ୟାଙ୍କ ଉପରେ ନିର୍ଭର କରେ ।

୨. ଗ୍ରାହକ ଅଭିଯୋଗ ସମାଧାନ ପାଇଁ ବ୍ୟାଙ୍କର ଗ୍ରାହକ ସେବା ପ୍ରକୋଷ୍ଠକୁ ଯୋଗାଯୋଗ କରିବା ଉଚିତ ଏବଂ ଯଦି ସମାଧାନ ନହୁଏ ତେବେ ଏସ୍କାଲେସନ ମାଟ୍ରିକ୍ସ ଅନୁସରଣ କରିବା ଆବଶ୍ୟକ ।

୩. ଯଦି ଗ୍ରାହକ ଏନ୍‌ପିସିଆଇକୁ ଲେଖିବାକୁ ଚାହାନ୍ତି ତେବେ ବ୍ୟାଙ୍କ ଦ୍ୱାରା ଉପଯୁକ୍ତ ଭାବରେ ସ୍ୱୀକୃତିପ୍ରାପ୍ତ ସମ୍ମତି ଫର୍ମର କପି ସଂପୃକ୍ତ ବ୍ୟାଙ୍କ ସହିତ ଆଲୋଚନା ପାଇଁ ପ୍ରଦାନ କରାଯିବା ଉଚିତ ।

୪. ଯେକୌଣସି ଏସ୍କାଲେସନ ପାଇଁ ଗ୍ରାହକ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆଧାର ସମ୍ମତି ସ୍ୱୀକୃତି କପି ସହିତ npci.dbtl@npci.org.inକୁ ଲେଖି ପଠାଇ ପାରିବେ ।

ଅତିରିକ୍ତ ସୂଚନା:

ଗ୍ରାହକ ଯେକୌଣସି ସମୟରେ କେବଳ ଗୋଟିଏ ଆକାଉଣ୍ଟକୁ ଆଧାର ସହ ଲିଙ୍କ୍ କରିପାରିବେ ।

ଯଦି ଗ୍ରାହକ ଏକାଧିକ ବ୍ୟାଙ୍କକୁ ସମ୍ମତି ଦିଅନ୍ତି ତେବେ ସବ୍‌ସିଡି ଏନପିସିଆଇ ମ୍ୟାପରରେ ସକ୍ରିୟ ଥିବା ଶେଷ ସିଡେଡ୍ ବ୍ୟାଙ୍କରେ ଜମା କରାଯିବ ।

ଯଦି ଆଧାର ସ୍ଥିତି ନିଷ୍କ୍ରିୟ ଥାଏ ତେବେ ଗ୍ରାହକ ବ୍ୟକ୍ତିଗତ ଭାବରେ ବ୍ୟାଙ୍କକୁ ଯିବେ ଏବଂ ଉପଯୁକ୍ତ ଭାବରେ ପୂରଣ ହୋଇଥିବା ଗ୍ରାହକ ସମ୍ମତି ଫର୍ମ ଦାଖଲ କରିବା ଆବଶ୍ୟକ ।

ଶେଷ ସିଡେଡ୍ ବ୍ୟାଙ୍କ ଆକାଉଣ୍ଟରେ ବିଫଳ କାରବାରକୁ ପୁନଃଆରମ୍ଭ କରିବା ଲାଗି ଓଏମ୍‌ସି ସହ ଯୋଗଯୋଗ କରାଯିବ ।

ଆଧାର ନମ୍ବର ଲିଙ୍କ୍ କରିବା / ସିଡିଙ୍ଗ୍ କରିବା ପାଇଁ ଆବେଦନ
ଏବଂ ବ୍ୟାଙ୍କ ଆକାଉଣ୍ଟରେ ଡିବିଟି ଲାଭ ପାଇବା ପାଇଁ (ଏନ୍‌ପିସିଆଇ ମ୍ୟାପିଙ୍ଗ୍)

ଶାଖା ପରିଚାଳକ, ତାରିଖ:

.....ଶାଖା

.....ବ୍ୟାଙ୍କ

ପ୍ରିୟ ମହାଶୟ,

ଆକାଉଣ୍ଟ ନମ୍ବର.....ଆକାଉଣ୍ଟଧାରୀଙ୍କ ନାମ.....ରେ
ପ୍ରତ୍ୟକ୍ଷ ଲାଭ ପାଇବା ଲାଗି ଏନପିସିଆଇ ମ୍ୟାପିଙ୍ଗରେ ଆଧାର ଲିଙ୍କ୍ / ସିଡିଙ୍ଗ୍ କରିବା

ମୁଁ ଆପଣଙ୍କ ଶାଖାରେ ଏକ ବ୍ୟାଙ୍କ ଆକାଉଣ୍ଟ ନମ୍ବର.....ବଜାୟ ରଖିଛି ।

୨. ମୁଁ ମୋର ଆଧାର ନମ୍ବର ଦାଖଲ କରୁଛି ଏବଂ ସ୍ୱେଚ୍ଛାକୃତ ଭାବରେ ମୋର ସମ୍ମତି ଦାଖଲ କରୁଛି:
   - ୟୁଆଇଡିଏଆଇରୁ ମୋତେ ପ୍ରମାଣିତ କରିବା ଲାଗି ମୋର ଆଧାର ବିବରଣୀ ବ୍ୟବହାର କରନ୍ତୁ ।
   - ମୋତେ ଏସଏମଏସ ଆଲର୍ଟ ପଠାଇବା ଲାଗି ନିମ୍ନରେ ଉଲ୍ଲେଖ କରାଯାଇଥିବା ମୋର ମୋବାଇଲ ନମ୍ବର ବ୍ୟବହାର କରନ୍ତୁ ।
   - ଆପଣଙ୍କ ବ୍ୟାଙ୍କ ସହିତ ମୋର ସମସ୍ତ ବିଦ୍ୟମାନ / ନୂତନ /ଭବିଷ୍ୟତ ଆକାଉଣ୍ଟ ଏବଂ ଗ୍ରାହକ ପ୍ରୋଫାଇଲ (ସିଆଇଏଫ) ସହ ଆଧାର ଲିଙ୍କ କରନ୍ତୁ ।

(ଗ୍ରାହକଙ୍କ ସ୍ୱାକ୍ଷର / ଆଙ୍ଗୁଠି ଛାପ)

ଡିବିଟି ଲାଭ ପାଇବା ପାଇଁ ବିକଳ୍ପ (ଗୋଟିକରେ ଟିକ ଦିଅନ୍ତୁ)

   - ମୁଁ ମୋର ଉପରୋକ୍ତ ଆକାଉଣ୍ଟରେ ଭାରତ ସରକାର (ଜିଓଆଇ)ଙ୍କ ଠାରୁ ଏଲ୍‌ପିଜି ସବ୍‌ସିଡି ସମେତ ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର (ଡିବିଟି) ପାଇବାକୁ ସକ୍ଷମ କରିବା ଲାଗି ଏନପିସିଆଇ ମ୍ୟାପର ସହ ମୋର ଆକାଉଣ୍ଟ ନମ୍ବର.....ସିଡ୍ କରିବାକୁ ଚାହୁଁଛି । ମୁଁ ବୁଝିଛି ଯେ, ଯଦି ମୋ ପାଇଁ ଏକାଧିକ ଲାଭ ସ୍ଥାନାନ୍ତର ବାକି ଅଛି ତେବେ ମୁଁ ସେହି ଆକାଉଣ୍ଟରେ ସମସ୍ତ ଲାଭ ସ୍ଥାନାନ୍ତର ପାଇବି । (ଯେଉଁ ଗ୍ରାହକମାନେ ଏପର୍ଯ୍ୟନ୍ତ ଏନ୍‌ପିସିଆଇ ମ୍ୟାପର ସହ ସିଡ୍ କରିନାହାନ୍ତି) ।
   - ମୋର ପୂର୍ବରୁ ଅନ୍ୟ ଏକ ବ୍ୟାଙ୍କ.....(ବ୍ୟାଙ୍କର ନାମ) ସହିତ ଏକ ଆକାଉଣ୍ଟ ଅଛି ଯାହାର ଆଇଆଇଏନ୍ ନମ୍ବର.....ଅଛି ଏବଂ ଭାରତ ସରକାର (ଜିଓଆଇ)ରୁ ଡିବିଟି ଲାଭ ପାଇବା ଲାଗି ଏନ୍‌ପିସିଆଇ ମ୍ୟାପର ସହ ସିଡ୍ ହୋଇଛି । ମୁଁ ମୋର ଏନ୍‌ପିସିଆଇ ମ୍ୟାପିଙ୍ଗ୍ (ଡିବିଟି ଲାଭ ଆକାଉଣ୍ଟ)କୁ ବ୍ୟାଙ୍କରେ ଥିବା ଆକାଉଣ୍ଟରେ ପରିବର୍ତ୍ତନ କରିବାକୁ ଅନୁରୋଧ କରୁଛି ।
   - ମୋର ପୂର୍ବରୁ ଅନ୍ୟ ଏକ ବ୍ୟାଙ୍କ.....(ବ୍ୟାଙ୍କର ନାମ) ସହିତ ଏକ ଆକାଉଣ୍ଟ ଅଛି ଯାହାର ଆଇଆଇଏନ୍ ନମ୍ବର.....ଅଛି ଏବଂ ଭାରତ ସରକାର (ଜିଓଆଇ)ରୁ ଡିବିଟି ଲାଭ ପାଇବା ଲାଗି ଏନ୍‌ପିସିଆଇ ମ୍ୟାପର ସହ ସିଡ୍ ହୋଇଛି । ମୁଁ ମୋର ଏନ୍‌ପିସିଆଇ ମ୍ୟାପିଙ୍ଗ୍ (ଡିବିଟି ଲାଭ ଆକାଉଣ୍ଟ)କୁ ବ୍ୟାଙ୍କରେ ଥିବା ଆକାଉଣ୍ଟରେ ପରିବର୍ତ୍ତନ କରିବାକୁ ଚାହୁଁ ନାହିଁ ।
   - ମୁଁ ଆପଣଙ୍କ ବ୍ୟାଙ୍କରୁ ଏନ୍‌ପିସିଆଇ ମ୍ୟାପର ସହ ମୋର ଆକାଉଣ୍ଟଗୁଡ଼ିକୁ ସିଡ୍ କରିବାକୁ ଚାହୁଁ ନାହିଁ (ମୁଁ ଡିବିଟି ପାଇବି ନାହିଁ)

୩. ପ୍ରମାଣୀକରଣ ସମୟରେ ଅଂଶୀଦାର କରାଯାଇପାରୁଥିବା ସୂଚନାର ପ୍ରକୃତି ବିଷୟରେ ମୋତେ ବୁଝାଇଦିଆଯାଇଛି । ମୋତ ବୁଝାଯାଇଛି ଯେ ଏଠାରେ ବ୍ୟାଙ୍କକୁ ଦାଖଲ କରାଯାଇଥିବା ମୋର ସୂଚନା ଉପରେ ଉଲ୍ଲେଖ କରାଯାଇଥିବା ତଥ୍ୟ ବ୍ୟତୀତ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବା ଆଇନର ଆବଶ୍ୟକତା ବ୍ୟତୀତ ବ୍ୟବହାର କରାଯିବ ନାହିଁ ।

୪. ମୁଁ ଏହାଦ୍ୱାରା ଘୋଷଣା କରୁଛି ଯେ ମୋ ଦ୍ୱାରା ସ୍ୱେଚ୍ଛାକୃତ ଭାବରେ ପ୍ରଦାନ କରାଯାଇଥିବା ଉପରୋକ୍ତ ସୂଚନା ସତ୍ୟ, ସଠିକ ଏବଂ ସଂପୂର୍ଣ୍ଣ ।

ଆପଣଙ୍କ ବିଶ୍ୱସ୍ତ

(ଗ୍ରାହକଙ୍କ ସ୍ୱାକ୍ଷର / ଆଙ୍ଗୁଠି ଛାପ)
ନାମ:
ମୋବାଇଲ ନମ୍ବର:
ଇମେଲ:
ସଂଲଗ୍ନ: ଆଧାର କପି

[ଯଦି ସମ୍ମତି ବିସି/ବିଡିଓ/ଭିଓଙ୍କ ମାଧ୍ୟମରେ ପଠାଯାଇଛି]

   - ମୁଁ ଏହାଦ୍ୱାରା ବ୍ୟାଙ୍କିଙ୍ଗ୍ କରେସପଣ୍ଡେଣ୍ଟଙ୍କୁ ଅଧିକାର ଦେଉଛି .....
   - ମୁଁ ଏହା ଦ୍ୱାରା ସରପଞ୍ଚ / ଭିଓ / ବିଡିଓଙ୍କୁ ଅଧିକାର ଦେଉଛି .....

ବ୍ୟାଙ୍କକୁ ଉପରୋକ୍ତ ସମ୍ମତିପତ୍ର ଦାଖଲ କରିବାକୁ ଅଧିକାର ଦେଉଛି

(ଗ୍ରାହକଙ୍କ ସ୍ୱାକ୍ଷର / ଆଙ୍ଗୁଠି ଛାପ)

*ଏନ୍‌ପିସିଆଇ ମ୍ୟାପିଙ୍ଗ୍: ମ୍ୟାପିଙ୍ଗ୍ ହେଉଛି ବ୍ୟାଙ୍କକୁ ଆଧାର ନମ୍ବର ସହିତ ସଂଯୁକ୍ତ କରିବାର ଏକ ପ୍ରକ୍ରିୟା ଯାହା ଏନ୍‌ପିସିଆଇ ଦ୍ୱାରା ସମ୍ପୃକ୍ତ ବ୍ୟାଙ୍କକୁ ସିଧାସଳଖ ଲାଭ ସ୍ଥାନାନ୍ତର ପାଇଁ ସହଜ କରାଯାଇଥାଏ । ଯେଉଁମାନେ ଗ୍ରାହକ ସମ୍ମତି ଦେଇଥିବା ସିଧାସଳଖ ଲାଭ ପାଇବା ଲାଗି ଆଧାର ନମ୍ବରକୁ ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କ ଆକାଉଣ୍ଟ ସହିତ ଲିଙ୍କ୍ କରିଛନ୍ତି ।

**ଆଇଆଇଏନ୍ ନମ୍ବର ସମ୍ମତି ଆବେଦନ ଗ୍ରହଣ କରୁଥିବା ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯିବ ।